**SET NO - 1**

**Exam ID.** | | | | | | |

**Candidates must write the Set No. on the title page of the OMR Sheet.**

# DAV PUBLIC SCHOOLS,ODISHA ZONE –I
# PA-II EXAMINATION, 2021-22

- **Check that this question paper contains 09 printed pages.**
- **Set number given on the right hand side of the questions paper should be written on the OMR SHEET by the candidate.**
- **Check that this question paper contains 50 questions.**

## CLASS -IX
## SUB : ODIA (013)

**Time : 90 minutes** **Maximum Marks:40**

**General Instruction:**

- Please check that this question paper contains 50 questions. Out of which 40 questions need to be attempted.
- The question paper consists of 3 parts

  Part - A : Comprehension – 10 marks

  Part - B : Grammar – 10 marks

  Part - C : Literature – 20 marks
- All questions carry equal marks.

## PART A
## (Comprehension)

**(କ) ନିମ୍ନ ଅନୁଚ୍ଛେଦଟିକୁ ପଢି ପ୍ରଶ୍ନଗୁଡିକର ଉତ୍ତର ବାଛ ।(ଯେ କୌଣସି ୫ଟିର)** **(1 x 5 = 5)**

ଜେଲ୍ ଭିତରେ ସକାଳୁ ଉଠିବାପରେ ଏବଂ ରାତିରେ ଶୋଇବାକୁ ଗଲାବେଳେ ଇନ୍ କିଲାବ- ଜିନ୍ଦାବାଦ୍ ଧ୍ୱନି ଦେବା ଥିଲା ଗୋକୁଳି ଭୋଳର ଦୈନନ୍ଦିନ ଅଭ୍ୟାସ ।ଜେଲ୍ କର୍ତ୍ତୃପକ୍ଷ ଏଥିରେ ରାଗିଯାଇ ତା' ରେସନ ପରିମାଣ ଅଧା କରିଦେଇଥିଲେ । ସେହି ଅନ୍ୟାୟର ପ୍ରତିବାଦରେ ଆମରଣ ଅନଶନ କରିଥିଲା ଗୋକୁଳି ।ଏକୋଇଶ ଦିନ ଉପବାସରେ'ଇନ୍ କିଲାବ-ଜିନ୍ଦାବାଦ' ଧ୍ୱନି ଦେଇ ସେ ଆଖିବୁଜି ଶହୀଦ ହୋଇ ଯାଇଥିଲା । ତା' ଆରଦିନ ଠାରୁ ଜେଲ୍ ରେ ଥିବା ଚାରିଶତ ଏକାବନ ଜଣ ସତ୍ୟାଗ୍ରହୀଙ୍କର କଣ୍ଠରେ 'ଇନ୍ କିଲାବ-ଜିନ୍ଦାବାଦ' ଧ୍ୱନି ଝଂକୃତ ହେଲା । କାରାଗାରର ପ୍ରାଚୀର ଭେଦ କରି ସେ ଧ୍ୱନି ବାହାର ପୃଥିବୀଲୋକଙ୍କ କାନରେ ପହଞ୍ଚିଥିଲା କି ନାହିଁ ତାଙ୍କୁ ଜଣା ନାହିଁ ; କିନ୍ତୁ ଜେଲ୍ ସୁପରିଟେଣ୍ଡଙ୍କର ଛାତି ଦବିଯାଇଥିଲା ।ଗୋକୁଳି ଭୋଳର ରାସ୍ତା ଧରି ଯଦି ସବୁ ରାଜବନ୍ଦୀ ଅନଶନ କରି ଶହୀଦ ହୁଅନ୍ତି,ତା'ର ପରିଣାମ ଯେ ବିସ୍ମୟକର ହେବ ଏ କଥା ଗୋରା ସୁପରିଟେଣ୍ଡ ସାହେବ ବୁଝିଥିଲେ।କାରାରୁଦ୍ଧ ସତ୍ୟାଗ୍ରହୀମାନଙ୍କୁ ସେଥିପାଇଁ ଗୋକୁଳି ଭୋଳର ମୃତ୍ୟୁ ପରେ ସ୍ଲୋଗାନ ଦେବାର ସ୍ୱାଧୀନତା ମିଳିଗଲା ।କିନ୍ତୁ ସେକଥା କ'ଣ ଜାଣିଲା ଗୋକୁଳି ଭୋଳ ?ଜେଲ୍ ଭିତରେ ଗୋକୁଳିର ଆତ୍ମତ୍ୟାଗ ଯୋଗୁଁ ସ୍ଲୋଗାନ ଦେବାର ଦାବି ହାସଲ କଲା ଦିନ ନାରଣ ଦାସ ନିଜେ ଶୋଇ ଶୋଇ ନିଜ ମୃତ୍ୟୁର ସ୍ୱପ୍ନ ଦେଖୁଥିଲେ ।ଦେଶ ପାଇଁ ଶହୀଦ ହେବା ଚିନ୍ତା କଲେ ମନ ଯେ ଏକ ପବିତ୍ର ପରିତୃପ୍ତି ଓ ସ୍ନିଗ୍ଧ ଆନନ୍ଦରେ ଭରିଯାଏ , ସେ କଥା ସେ ପ୍ରଥମେ ସେଦିନ ଅନୁଭବ କରିଥିଲେ ।କିନ୍ତୁ ଆଜିକାଲି ଲୋକେ ଅକାରଣରେ କଳିକଜିଆ କରିଛୁରି ମରାମରି ହୋଇ ମରନ୍ତି ,ରାସ୍ତାଘାଟରେ ଦୁର୍ଘଟଣାରେ ମରନ୍ତି; କିନ୍ତୁ ଦେଶ ପାଇଁ ଜାତି ପାଇଁ ମହତ୍ କାର୍ଯ୍ୟ କରି ମରିବା କଥା ଭାବିଲେ ଏମାନଙ୍କୁ ଚତୁର୍ଦ୍ଦିଗ ଅନ୍ଧକାର ଦେଖାଯାଏ ।କଥାଟା ଭାବିଲେ ନିଜ ଛାତି ଭିତରେ ଯନ୍ତ୍ରଣା ଅନୁଭବ କରନ୍ତି ନାରଣ ବାବୁ ।

1.ଜେଲ୍ କର୍ତ୍ତୃପକ୍ଷ କାହିଁକି ଗୋକୁଳି ଭୋଳର ରେସନ ପରିମାଣ ଅଧା କରି ଦେଇଥିଲେ ?

A.ଗୋକୁଳି ଅନ୍ୟ ସତ୍ୟାଗ୍ରହୀଙ୍କ ସହିତ ଝଗଡ଼ା କରୁଥିଲା

B.ଗୋକୁଳି ଜେଲ୍ କର୍ତ୍ତୃପକ୍ଷଙ୍କ କଥା ମାନୁ ନ ଥିଲା

C.ଗୋକୁଳି ଇନ୍ କିଲାବ  ଜିନ୍ଦାବାଦ ଧ୍ୱନି ସବୁବେଳେ ଦେଉଥିଲା

D.ଗୋକୁଳିର ସ୍ୱାସ୍ଥ୍ୟ ପାଇଁ ଅଧିକ ଖାଦ୍ୟ ହାନିକାରକ ଥିଲା

2. କାହିଁକି ସୁପରିଟେଣ୍ଡଙ୍କ ଛାତି  ଦବି ଯାଇଥିଲା ?

A. ସବୁ ସତ୍ୟାଗ୍ରହୀମାନେ ମିଶି ତାଙ୍କୁ ମାରିବାକୁ ଯୋଜନା କରିଥିଲେ

B..ସରକାର ତାଙ୍କର ବଦଳି ଆଦେଶ ଦେଇଥିଲେ

C.ଗୋକୁଳିର ଭୂତ ତାଙ୍କୁ ଡରାଉଥିଲା

D..ଅନ୍ୟ ସତ୍ୟାଗ୍ରହୀମାନେ କାଳେ ଗୋକୁଳିର ପନ୍ଥା ଅନୁସରଣ କରିବେ

3. ଗୋକୁଳିର ମୃତ୍ୟୁ ପରେ ଜେଲ୍ ଭିତରେ କି ପରିବର୍ତ୍ତନ ଆସିଥିଲା ?

A.ସବୁ ସତ୍ୟାଗ୍ରହୀ ଜେଲ୍ ରୁ ମୁକ୍ତ ହୋଇଥିଲେ

B.ଜେଲ୍ ଭିତରେ ଇନ୍ କିଲାବ ଜିନ୍ଦାବାଦ ସ୍ଲୋଗାନ ଦେବାର ଅଧିକାର ସମସ୍ତଙ୍କୁ ମିଳିଥିଲା

C..ସମସ୍ତଙ୍କୁ ଇଛା ଅନୁସାରେ ରେସନ ମିଳିଥିଲା

D.ନୂଆ ସୁପରିଟେଣ୍ଡ ଆସିଥିଲେ

4.କେତେବେଳେ ମନରେ ପବିତ୍ର ପରିତୃପ୍ତି ଓ ସ୍ନିଗ୍ଧ  ଆନନ୍ଦ ଭରିଯାଏ ?

A.ଦେଶ ପାଇଁ ଶହୀଦ ହେବାର ଚିନ୍ତାରେ

B.ମନ ପସନ୍ଦର ଖାଦ୍ୟ ଖାଇବାକୁ ମିଳିଲେ

C.ଅନ୍ୟକୁ ସାହାଯ୍ୟ କଲେ

D..ମନ୍ଦିରକୁ ଯାଇ ପ୍ରାର୍ଥନା କଲେ

5. ଜେଲ୍ ରେ ଥାଇ ନାରଣ ଦାସ କେଉଁ ସ୍ୱପ୍ନ ଦେଖୁଥିଲେ?

A.ଦେଶ ସ୍ୱାଧୀନତାର

B.ନିଜ ମୁକ୍ତିର

C.ସତ୍ୟାଗ୍ରହୀଙ୍କର ମୁକ୍ତିର

D. ନିଜ ମୃତ୍ୟୁର

6. କେତେବେଳେ ଆଜିକାଲିର  ଲୋକଙ୍କୁ ଚତୁର୍ଦ୍ଦିଗ ଅନ୍ଧକାର ଦେଖାଯାଏ ବୋଲି ନାରଣ ଦାସ ଅନୁଭବ କରିଛନ୍ତି ?

A.ଦେଶ ପାଇଁ କାମ କରି ମୃତ୍ୟୁ ବରଣ କଥା ଭାବିଲେ

B.ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ ପଳାଇ ଯିବା କଥା ଭାବିଲେ

C.ଅନ୍ୟର ସୁଖ ପାଇଁ ନିଜର ସୁଖକୁ ବଳି ଦେବା କଥା ଭାବିଲେ

D.ନିଜର ମୃତ୍ୟୁ କଥା ଭାବିଲେ

**(ଖ) ନିମ୍ନ କବିତାଂଶଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।(ଯେ କୌଣସି ୫ଟିର)** **(1 x 5 = 5)**

କୋଟି ଲାବଣ୍ୟ ନିଧି ରେ ପଦ୍ମ ତୁହି
କି ଅମୃତେ ତୋ' ତନୁ ଗଢିଲା ବିହି
ତୋ'ରୂପ ଦରଶନେ ମୋ'ର ହୃଦୟ
ପୁଣ୍ୟ ଆନନ୍ଦେ ହୁଏ ଅମୃତ ମୟ।
ଢଳ ଢଳ ସୁନୀଳ ସରସୀ ଜଳ
ଢଳ ଢଳ ଶ୍ୟାମଳ ନଳିନୀ ଦଳ
ଢଳ ଢଳ ଭାସ୍କର- ରଶ୍ମି ଉଜ୍ଜ୍ୱଳ
ତା'ମଧ୍ୟେ ଢଳ ଢଳ ତୁହି କମଳ।
ହସ ହସ ବଦନେ ହରଷଭରେ
ଅନାଇ ରହିଅଛୁ ତୁ ଦିବାକରେ;
ତୋ ମୁଖେ ଜ୍ୟୋତିଧାରା ସେ ଦିବାକର ,
ଢାଳଇ ଅବିରଳ ଆରେ ପୁଷ୍କର ।
ପିଉ ତୁ କି ଆନନ୍ଦେ ପୀୟୂଷ ସରି,
ସେ ଶୁଭ୍ର ଜ୍ୟୋତିଧାରା ଭକତି କରି ;
ଆହା କି ଦିବ୍ୟ ଶିରୀ ତହୁଁ ତୁ ଲଭୁ!
ଧନ୍ୟ ଉତ୍ପଳ ଧନ୍ୟ ତୋହର ପ୍ରଭୁ ।
ମକରନ୍ଦ ଅମୃତ ହୃଦେ ତୋହର
ତହୁଁ ସ୍ଫୁରଇ ବାସ କି ମନୋହର !
ସେ ମଧୁପାନେ ମତ୍ତ ମଧୁପଦଳ,
ସେ ସୌରଭେ ପରାଣ କେଡ଼େ ଶୀତଳ !

7. ପଦ୍ମର ପ୍ରଭୁ କିଏ ?

A. ନିଶାକର
B. ନିରାକାର
C.ଦିବାକର
D..ମଧୁକର

8. କାହାକୁ ପୀୟୂଷ ସହିତ ତୁଳନା କରାଯାଇଛି ?

A. ମକରନ୍ଦକୁ
B.ଶୁଭ୍ର ଜ୍ୟୋତିଧାରାକୁ
C.ପୁଷ୍କରକୁ
D. ମଧୁପଦଳକୁ

9. କବି କାହାକୁ ଧନ୍ୟବାଦ ଦେଇଛନ୍ତି?

A.ପଦ୍ମକୁ B.ସୂର୍ଯ୍ୟଙ୍କୁ

C.ମକରନ୍ଦକୁ D.ପଦ୍ମ ଓ ସୂର୍ଯ୍ୟ ଉଭୟଙ୍କୁ

10. ଏହି କବିତାଟିର  କବି କିଏ  ?

A.ମଧୁସୂଦନ ଦାସ B.ଭକ୍ତ ଚରଣ ଦାସ

C.ବନମାଳୀ ଦାସ D.ମଧୁସୂଦନ ରାଓ

11. ପଦ୍ମର ଦର୍ଶନରେ ମନରେ କେଉଁ ଭାବନା ସୃଷ୍ଟି ହୁଏ  ?

A.ସମର୍ପଣ ଭାବ B.ପୁଣ୍ୟ ଆନନ୍ଦ ଭାବ

C.ବିଷାଦ ଭାବ D.ବିସ୍ମୟ ଭାବ

12.ସରସୀର ଜଳ କିପରି ବୋଲି କବିତାରେ ବର୍ଣ୍ଣିତ ହୋଇଛି?

A.ସୁନୀଳ B.ଶ୍ୟାମଳ

C.ଉଜ୍ଜ୍ୱଳ D..ଢଳ ଢଳ

## PART B
## (Grammar)

**(ଗ) ଠିକ ଉତ୍ତରଟିକୁ ବାଛ ।  (ଯେ କୌଣସି ୫ଟିର)** **(1 x 5 = 5)**

13. 'ତନ୍ୱୀ'ର ସନ୍ଧି ବିଚ୍ଛେଦ କଣ ହେବ?

A.ତନୁ+ଇ B..ତନୂ+ଈ

C.ତନୁ+ଈ D..ତନୂ+ଇ

14.'ବାଗୀଶ'ର ସନ୍ଧି ବିଚ୍ଛେଦକଣ ହେବ?

A. ବାକ୍ +ଇଶ B.ବାଗ୍+ଈଶ

C..ବାଗ୍ +ଇଶ D.ବାକ୍+ଈଶ

15.'ଦୁରବସ୍ଥା'ର  ସନ୍ଧି ବିଚ୍ଛେଦ  କଣ ହେବ?

A.ଦୂଃ +ଅବସ୍ଥା B.ଦୂର+ଅବସ୍ଥା

C..ଦୁର+ଅବସ୍ଥା D.ଦୁଃ +ଅବସ୍ଥା

16. 'ଭୂର୍ଦ୍ଧ୍ୱର  ସନ୍ଧି ବିଚ୍ଛେଦ  କଣ ହେବ?

A.ଭୁ+ଉର୍ଦ୍ଧ୍ୱ B. ଭୁଃ+ଉର୍ଦ୍ଧ୍ୱ

C.ଭୂ+ଉର୍ଦ୍ଧ୍ୱ D. ଭୂଃ+ଉର୍ଦ୍ଧ୍ୱ

17.''ପୁନରପି'ର ସନ୍ଧି ବିଚ୍ଛେଦ କ'ଣ ହେବ

A. ପୁନଃ + ଅପି B.ପୁନଃ +ରପି

C..ପୁନ +ରପି D..ପୁନ +ଅପି

18.'ଉଦ୍ଧାର''ର ସନ୍ଧି ବିଚ୍ଛେଦ କ'ଣ ହେବ

A. ଉତ+ହାର B.. ଉତ୍+ହାର

C..ଉତ୍+ଧାର D..ଉତ+ ଧାର

**(ଘ). ଯେ କୌଣସି ୫ଟି ପ୍ରଶ୍ନର ଉତ୍ତର ବାଛ ।** **(1 x 5 = 5)**

19. 'ବିଦ୍ୟାରେ ନିପୁଣ' କେଉଁ ପ୍ରକାରର ସମାସ?

A. ପଞ୍ଚମୀ ତତ୍ ପୁରୁଷ B.ତୃତୀୟା ତତ୍ ପୁରୁଷ

C.ସପ୍ତମୀ ତତ୍ ପୁରୁଷ D.ଚତୁର୍ଥୀ ତତ୍ ପୁରୁଷ

20.'ଦମ୍ପତି'ର ବ୍ୟାସବାକ୍ୟ କ'ଣ ହେବ ?

A.ଜାୟା ଓ ପତିଙ୍କର ସମାହାର B. ଜାୟା ଓ ପତି

C.ଯେ ଜାୟା ସେ ପତି D. ଦମ୍ ଓ ପତି

21 'ଶତ ଅବ୍ଦର ସମାହାର'କେଉଁ ପ୍ରକାରର ସମାସ?

.A. ତତ୍ ପୁରୁଷ B.କର୍ମଧାରୟ

C. ଦ୍ୱିଗୁ D. ଦ୍ୱନ୍ଦ୍ୱ

22.'ନାତିଦୀର୍ଘ'ର ବ୍ୟାସବାକ୍ୟ କ'ଣ ହେବ ?

A..ନା ଅତିଦୀର୍ଘ B.ନ ଅତିଦୀର୍ଘ

C..ନା ଦୀର୍ଘ D.ନ ଦୀର୍ଘ

23. 'ପଞ୍ଚାମୃତ'ର ବ୍ୟାସ ବାକ୍ୟ କ'ଣ ହେବ?

A..ପଞ୍ଚ ଓ ଅମୃତ B. ପଞ୍ଚ ମିଶ୍ରିତ ଅମୃତ

C.ପଞ୍ଚ ନାମକ ଅମୃତ D.ପଞ୍ଚ ଅମୃତର ସମାହାର

24.'ଧନକୁ ପ୍ରାପ୍ତ'କେଉଁ ପ୍ରକାର ସମାସ ?

A ଦ୍ୱିତୀୟା ତତ୍ ପୁରୁସ B.ତୃତୀୟା ତତ୍ ପୁରୁଷ

C.ସପ୍ତମୀ ତତ୍ ପୁରୁଷ D. ତତ୍ ପୁରୁଷ

## PART C

## (Literature)

**(ଙ)ଠିକ ଉତ୍ତରଟି ବାଛ । (ଯେ କୌଣସି ୮ଟିର)** **(1 x 8 = 8)**

25. "ଜାତୀୟ ସଦ୍ଭାବ ହେଲେ ବ୍ୟକ୍ତିଗତ ଅସଦ୍ଭାବ ରହିବ ନାହିଁ" ----ଏ ବିଚାର

A. ଭ୍ରାନ୍ତିମୂଳକ B.ଯୁକ୍ତିଯୁକ୍ତ

C.କ୍ଷଣଭଙ୍ଗୁର D.ଚିରସ୍ଥାୟୀ

26.ସବୁ ଜାତି ଓ ବ୍ୟକ୍ତିଙ୍କଠାରେ କ'ଣ କରିବା ଯୋଗ୍ୟ ଅନେକ ଗୁଡିଏ ଗୁଣ ଅଛି?

A.ସମାଲୋଚନା B.ପ୍ରଶଂସା

C.ଅନୁକରଣ D.ଅନୁସନ୍ଧାନ

27.ସୂର୍ଯ୍ୟଙ୍କଠାରୁ ଆମେ କେଉଁ ଗୁଣ ଶିକ୍ଷା କରିବା ଉଚିତ?

A. ସହନଶୀଳତା B.ସମଦର୍ଶିତା

C.ସମବେଦନା D.ସମାଲୋଚନା

28. ଭାଷା ଓ ଜାତୀୟତା ପ୍ରବନ୍ଧଟି କେଉଁ ପତ୍ରିକାରେ ପ୍ରକାଶିତ ହୋଇଥିଲା?

A.ସତ୍ୟବାଦୀ B.ନିଆଁଖୁଣ୍ଟା

C.ଶିଶୁଲେଖା D.ସମାଜ

29. ଆର୍ଯ୍ୟ ଋଷିମାନେ ମାନବ ପ୍ରାଣର ଏକତା ରୂପେ କାହାକୁ ଏକ ମାତ୍ର ପନ୍ଥା ରୁପେ ବୁଝିଥିଲେ?

A. ଜ୍ଞାନ B. ବିଜ୍ଞାନ

C. ବୁଦ୍ଧି D.ଭାଷାର ଏକତା

30.ଦ୍ରାବିଡ଼ ସଙ୍ଗେ ଆର୍ଯ୍ୟର ସଂଘର୍ଷର ଫଳାଫଳ କ'ଣ ହେଲା?

A.ଆର୍ଯ୍ୟ ସଭ୍ୟତା ଲୋପ ପାଇଗଲା B. ଦ୍ରାବିଡ଼ ସଭ୍ୟତା ଲୋପ ପାଇଗଲା

C. ଦ୍ରାବିଡ଼ ସଭ୍ୟତା ଆର୍ଯ୍ୟ ସଭ୍ୟତା ସହିତ ମିଶିଗଲା D. ଏକ ନୂଆ ସଭ୍ୟତାର ଆରମ୍ଭ ହେଲା

31. ଭର୍ତ୍ତା କାହାକୁ କୁହାଯାଏ?

A.ବିବାହିତ ପୁରୁଷକୁ B.ଚାକିରି କରୁଥିବା ପୁରୁଷକୁ

C..ବିଦେଶରେ ରହୁଥିବା ପୁରୁଷକୁ D..ଅବିବାହିତ ପୁରୁଷକୁ

32. .ଲେଖକ ପ୍ରତିଦିନ ଅସ୍ଥାୟୀ ମାଇନର ସ୍କୁଲରେ କାହିଁକି ଯାଇ ବସୁଥିଲେ ?

A. ସେ ମାଇନର ପାସ କରି ନ ଥିଲେ

B.ସ୍କୁଲ ତାଙ୍କର ଘର ପାଖରେ ଥିଲା

C.ସ୍କୁଲର ଶିକ୍ଷକମାନେ ତାଙ୍କୁ ବହୁତ ଭଲ ପାଉ ଥିଲେ

D..ଉଚ୍ଚ ଶିକ୍ଷା ପାଇଁ ତାଙ୍କ ପାଖରେ ସମ୍ବଳ ନ ଥିଲା

33.ଲେଖକ ବଡ଼ଦାଣ୍ଡ ବା ବଡ଼ ଦେଉଳକୁ ବେଶି ନ ଯିବାର କାରଣ କ'ଣ ?

A.ସେ ନାସ୍ତିକ ଥିଲେ

B. ତାଙ୍କର ସମୟ ନଥିଲା

C..ତାଙ୍କର ଇଚ୍ଛା ନ ଥିଲା

D..ତାଙ୍କ ପାଖରେ ପଇସା ନ ଥିଲା

34.ଶିଶୁ ଗୀତ ଏକ --

A.ମୃଗତୃଷ୍ଣା

B.ମନୋରଞ୍ଜନ

C.ଖିଆଲ

D.ମଜାଗୀତ

**(ଚ)ଠିକ ଉତ୍ତରଟି ବାଛ । (ଯେ କୌଣସି ୭ଟିର)** **(1 x 7 = 7)**

35.କେଉଁ ଶବ୍ଦଟି ଭିନ୍ନ?

A.ମଧୁପୁର

B.କଂସପୁର

C.ଗୋପପୁର

D.ମଥୁରା

36. କୃଷ୍ଣ ଯଦି ମଥୁରାକୁ ଯିବେ ତାହେଲେ ଯଶୋଦା କ'ଣ କରିବେ?

A.ତାଙ୍କ ସହିତ ମଥୁରାକୁ ଯିବେ

B.ଗଣ୍ଡ ଜଳରେ ଜୀବନ ହାରିବେ

C.ଘରୁ କେଉଁଆଡେ ପଳେଇବେ

D.କୃଷ୍ଣଙ୍କୁ ଭୁଲିଯିବେ

37. 'କାହାମୁଖ ଅନାଇ ବଞ୍ଚିବି' କବିତାଟି କେଉଁ କାବ୍ୟର ଅଂଶ ବିଶେଷ?

A.ଗୋପମଙ୍ଗଳ

B.ମଥୁରାମଙ୍ଗଳ

C.କୃଷ୍ଣ ମଙ୍ଗଳ

D.ମନବୋଧ ଚଉତିଶା

38. କୃଷ୍ଣ କାହାକୁ ଦେଖି ଡରିଯାଉଥିଲେ?

A.ଅନ୍ଧାର ଘରକୁ

B. ନିଜର ଛାଇକୁ

C.ଭୟଙ୍କର ମୂର୍ତ୍ତିକୁ

D.ଏସମସ୍ତଙ୍କୁ

39..ମଣିଷ ଭାଇ କବିତାଟି କବିଙ୍କର କେଉଁ ପୁସ୍ତକରୁ ଅସିଛି?

A.ଅଞ୍ଜଳି

B.ଅର୍ଚ୍ଚନା

C.ଉଚ୍ଛ୍ୱାସ

D. ସ୍ଫୁଲିଙ୍ଗ

40. ମଣିଷ କିପରି ଦେବତାର ଆସନ ଲାଭ କରି ପାରିବ ?

A. ବହୁତ ଲୋକଙ୍କୁ ସାହାଯ୍ୟ କଲେ

B. ନିଜ ଭିତରେ ଥିବା ଶତ୍ରୁକୁ ଦମନ କଲେ

C. ବହୁତ ଲୋକଙ୍କ ଉପରେ ଅତ୍ୟାଚାର କଲେ

D.ପଶୁତ୍ୱ ଦେବତ୍ୱ ପରୀକ୍ଷାରେ ବିଜୟୀ ହେଲେ

41.'ଅରିନ୍ଦମ' କାହାକୁ କୁହାଯାଏ ?

A. ଯାହାର କେହି ଶତ୍ରୁ ନାହାନ୍ତି

B.ଯିଏ ଶତ୍ରୁ ସହିତ ମିତ୍ରତା କରେ

C. ଯିଏ ଶତ୍ରୁକୁ କ୍ଷମା କରେ

D.ଯିଏ ଶତ୍ରୁକୁ ଦମନ କରେ

42. କଳୁଷ ପଙ୍କରେ କିଏ ମଳିନ ଦେଖାଯାଉଛି?

A.ପଦ୍ମ B.ସୂର୍ଯ୍ୟ

C. କବି D. ସଂସାର

43.'ତୋ ପରି ଶୁଭ୍ର ହେବି' ---କବି କାହାକୁ ଏପରି କହିଛନ୍ତି?

A. ସୂର୍ଯ୍ୟଙ୍କୁ B. ପଦ୍ମକୁ

C. ପରମେଶ୍ୱରଙ୍କୁ D. ଭଗବାନଙ୍କୁ

**(ଛ)ଠିକ ଉତ୍ତରଟି ବାଛ । (ଯେ କୌଣସି ୫ଟିର) (1 x 5 = 5)**

44. " କିହୋ ଶଙ୍ଖାରି ପୁଅ, ଶଙ୍ଖା ଆଣିଛକି !!—ଏକଥା କିଏ କହିଥିଲେ ?

A. ବୋହୂ B.ଶାଶୁ

C.ଦାସୀ D. ଗ୍ରାମବାସୀ

45. ବୋହୂଟି କି ଶଙ୍ଖା ଅଛି ବୋଲି ପଚାରି ଥିଲା ?

A. ରଙ୍ଗଝିଲିରି B. ବିଛାମାଳିଆ

C.ବଉଳଫୁଲିଆ D. ଆସ୍ ମାନ୍ ତାରା

46. ଆସ୍ ମାନ୍ ତାରା ଶଙ୍ଖା ନେଇ ବୁଢ଼ା କେଉଁ ଦିନ ଗାଁକୁ ଯାଇଥିଲା ?

A..ରଜସଙ୍କରାନ୍ତି B..କୁଆଁରପୂନେଇ

C. ପଣାସଙ୍କରାନ୍ତି D.ପହିଲିରଜ

47. "ଯାହାର ଦାନା ଖାଇ ମୁଁ ମଣିଷ ,ତା'ର ନିମକହାରାମି ଅସମ୍ଭବ" ଏ କଥା କିଏ କହିଥିଲେ ?

A.ବିଜୟ B.ଅରୁଣ

C.ରାୟବାହାଦୁର D.ହେମମାଳା

48. "ଏ ଦେଶ ଆମର ବ୍ରିଟିଶ ଗୋଲାମ ପାଇଁ ଏଠି ସ୍ଥାନ ନାହିଁ"—ଏକଥା କିଏ କହିଥିଲେ ?

A. ବିଜୟ B. ଅରୁଣ

C. ରାୟବାହାଦୁର D. ହେମମାଳା

49. କେଉଁ ଶବ୍ଦ ବନ୍ଧୁକର ଗୁଳି ପରି ରାୟବାହାଦୁରଙ୍କର ପ୍ରତ୍ୟେକ ଜୀର୍ଣ୍ଣ ଅସ୍ଥିକୁ ଚୂର୍ଣ୍ଣ କରିଦେଉଥିଲା ?

A.ବନ୍ଧୁକ ଫୁଟିବାର ଶବ୍ଦ B.କୋଳାହଳର ଶବ୍ଦ

C.ଜୟଧ୍ୱନିର ଶବ୍ଦ D.ଗଣ୍ଡଗୋଳର ଶବ୍ଦ

50. ଜନତା କ'ଣ କୁହାଟୁଥାଏ?

A.ସ୍ୱାଧୀନ ଭାରତ କୀ ଜୟ B.ବନ୍ଦେ ମାତରମ୍

C.ସ୍ୱାଧୀନତା ଆମର ଦାବୀ D.ଭାରତ ଛାଡ଼